# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ବଡ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

- ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରେ ସାଢ଼େ ୪୮ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି; କହିଲେ ବିଭାଗୀୟ ମନ୍ତ୍ରୀ

- ପୁରୀ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ଶ୍ରୀମନ୍ଦିର ସାଂସ୍କୃତିକ ଓ ବୈଷୟିକ ପ୍ରକଳ୍ପ ସବ୍‌କମିଟିର ବୈଠକ

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ କନ୍ଧମାଳ, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାକୁ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଅଷ୍ଟମ ଦିନରେ ଆଜି କଟକ ଏସ୍‌ସିବି ମେଡିକାଲ କଲେଜ୍ ଆଣ୍ଡ୍ ହସ୍‌ପିଟାଲ ଆଇସିୟୁରେ ଅଗ୍ନିକାଣ୍ଡଜନିତ ରୋଗୀମୃତ୍ୟୁ ଘଟଣାକୁ ନେଇ ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନଥିଲା । ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବଦିନ ଭଳି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ ସ୍ଲୋଗାନ ଦେଇ ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଦସ୍ୟମାନେ ବାଚସ୍ପତି ସୁରମା ପାଢ଼ୀଙ୍କ ପୋଡିୟମ୍ ସମ୍ମୁଖରେ ଏକତ୍ର ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ ।

ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧୀ ଦଳର ସଦସ୍ୟମାନଙ୍କୁ ଗୃହରେ ଶୃଙ୍ଖଳା ରକ୍ଷା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ଓ ପରିଚାଳନାରେ ସହଯୋଗ କରିବା ପାଇଁ ନିଜ ନିଜ ଆସନକୁ ଫେରିଯିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ । ପରେ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ଦ୍ୱିତୀୟ ଥର ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ହଟ୍ଟଗୋଳ ମଧ୍ୟରେ କୃଷି ବିଭାଗ ସମ୍ପର୍କିତ ଏକ ପ୍ରଶ୍ନ ଉପରେ ଆଲୋଚନା କରାଯିବା ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗୃହରେ ଉତ୍ତର ରଖିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉତ୍ତର ସ୍ପଷ୍ଟ

ଶୁଣାଯାଇ ନ ଥିଲା। ସେହିଭଳି ଶୂନ୍ୟକାଳରେ ବିରୋଧୀ ଦଳ ସଦସ୍ୟଙ୍କ ପ୍ରତିବାଦକୁ ଶାସକ ଦଳର ସଦସ୍ୟମାନେ ଦୃଢ଼ ନିନ୍ଦା କରିଥିଲେ।

## ବିଧାନସଭା-୨

ରାଜ୍ୟରେ ଗତ ଦୁଇ ବର୍ଷରେ ୬ ଲକ୍ଷ ୩୬ ହଜାର ୭୬୩ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି ବୋଲି ବିଧାନସଭାରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ସଦସ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମଲ୍ଲିକ୍ କହିଛନ୍ତି ଏହି ଉଦ୍ୟୋଗଗୁଡ଼ିକ ଦ୍ୱାରା ୪୮ ଲକ୍ଷ ୫୬ ହଜାର ୬୧୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ମାଧ୍ୟମରେ କୃଷି, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ୍ ଓ ପଲିମର, କାଗଜ ଓ କାଗଜ ଉତ୍ପାଦ, କାଚ, ମାଟି ସାମଗ୍ରୀ, ବୟନ ଓ ପୋଷାକ, ରାସାୟନିକ ପଦାର୍ଥ, ଜୋତା ତିଆରୀ, ଦୁଗ୍ଧଜାତ ଦ୍ରବ୍ୟ ଆଦି ସାମିଲ ରହିଛି। ଗୋସୁଇଫ୍ଟ ପୋର୍ଟାଲର ତଥ୍ୟ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନସୁଦ୍ଧା ମୋଟ୍ ୧ ହଜାର ୨୦୫୪ଟି ଉଦ୍ୟୋଗ ସ୍ଥାପନ କରିବା ପାଇଁ ଆବେଦନ ଆସିଛି। ସେଥିମଧ୍ୟରୁ ୫୮୬ଟି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିସାରିଛି। ଏହାଦ୍ୱାରା ୩୮ ହଜାର ୧୮୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ବିଧାନସଭା-ଧାନ

ରାଜ୍ୟ ସରକାର ଗତ ୧୬ ତାରିଖ ସୁଦ୍ଧା ୭୨ ଲକ୍ଷ ମେଟ୍ରିକଟନ୍ ଧାନ ସଂଗ୍ରହ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ୧୭ ଲକ୍ଷ ୨୦ ହଜାର

ଚାଷୀଙ୍କୁ  ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍‌ଏସ୍‌ପି ବାବଦରେ ୧୬ ହଜାର ୨୨୫ କୋଟି ଓ ଇନପୁଟ୍ ସହାୟତା ରାଶି ପାଇଁ ୫ ହଜାର ୭ କୋଟି ଟଙ୍କା ପ୍ରଦାନ କରାଯାଇଛି । ଚାଷୀଙ୍କୁ ଏଯାବତ୍ ଧାନ ବିକ୍ରି ବାବଦରେ ମୋଟ୍ ୨୧ ହଜାର ୨୩୨କୋଟି ଟଙ୍କା ମିଳିଥିବା ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ଧାନ ସଂଗ୍ରହକୁ  ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମକୁ ସରକାର ୫ ହଜାର କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରିଛନ୍ତି । ବିଭିନ୍ନ ବ୍ୟାଙ୍କରୁ ଋଣ କରି ଧାନ କ୍ରୟ କରିବା ନିମନ୍ତେ ସରକାର ୧୭ ହଜାର ୫୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଧାନ କ୍ରୟ ଚାଲୁ ରହିବ । ଚଳିତ ଖରିଫ୍ ଋତୁରେ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ବିଧାନସଭା-୩

ରାଜ୍ୟ ସରକାର ଗଭୀର ସମୁଦ୍ରରେ ମାଛଧରାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମିଶନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଗୃହରେ ପ୍ରକାଶ କରିଛନ୍ତି । 'ଗଭୀର ସମୁଦ୍ରରେ ମାଛଧରା ମିଶନ' ଅଧୀନରେ ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ୧୦୦ ରୁ ୧୫୦ଟି ଗଭୀର ସମୁଦ୍ର ମାଛଧରା ଜାହାଜ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ରହିଛି ।

ସଦସ୍ୟ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ମାଧ୍ୟମରେ ଆଗ୍ରହୀ ଓ ଯୋଗ୍ୟ ହିତାଧିକାରୀଙ୍କୁ ରିହାତି ଦରରେ ମାଛଧରା ଜାହାଜ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ରାଜ୍ୟର ଉପକୂଳ ଅଞ୍ଚଳ ପାରାଦ୍ୱୀପ, ଧାମରା ଓ ଅସ୍ତରଙ୍ଗ ଭଳି ମାଛଧରା ବନ୍ଦର ଓ ଫିସିଂ ହାର୍ବରର ଉନ୍ନତୀକରଣ କରାଯିବ। ସରକାର ମାଛଧରା ବନ୍ଦରଗୁଡ଼ିକର ଉନ୍ନତୀକରଣ ଓ ବିସ୍ତାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗୋପାଳପୁର ଅର୍ଜିପାଲ୍ଲୀଠାରେ ଗଭୀର ସାମୁଦ୍ରିକ ମାଛଧରା ଜାହାଜ ବର୍ଥିଂ ପାଇଁ ସମୁଦ୍ର ତଟବର୍ତ୍ତୀ ମାଛଧରା ବନ୍ଦର ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

### ରାଜ୍ୟପାଳ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଉନ୍ନତି, କଲ୍ୟାଣ ଏବଂ ଆଗାମୀ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି। ବିକାଶ ଓ ଲୋକସେବା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି।

## ଯୁଗ୍ମ ବୈଠକ

**ପୁରୀ** ଶ୍ରୀମନ୍ଦିର ସାଂସ୍କୃତିକ ଓ ବୈଷୟିକ ପ୍ରକଳ୍ପ ସବ୍‌କମିଟିର ଯୁଗ୍ମ ବୈଠକ ଆଜି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜାରି ରହିଛି। ବୈଠକରେ ଜାରି

ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଗଜପତି ମହାରାଜ ସମୀକ୍ଷା କରୁଛନ୍ତି। ଏଥିସହିତ ନୂତନ ପ୍ରକଳ୍ପଗୁଡିକର ରୂପରେଖ ପ୍ରସ୍ତୁତ ଉପରେ ବିସ୍ତୃତ ଆଲୋଚନା କରାଯାଉଛି। ଜଗନ୍ନାଥବଲ୍ଲଭ, ପିଲଗ୍ରୀମ୍ ସେଣ୍ଟର, ବାସେଳି ସାହି, ଧର୍ମଶାଳାର ବକେୟା କାର୍ଯ୍ୟର ଅଗ୍ରଗ୍ତି ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ଜଣାପଡିଛି। ଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ସେବାୟତଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୂଳ ଯୋଜନା ଉପରେ ବୈଠକରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ବୈଠକରେ  ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଓବିସିସିର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ପ୍ରଚାର ଓ ପ୍ରସାର କମିଟିର ବୈଠକ ଅନୁଷ୍ଠିତ ହେବ।

## ବନକଲାଗି ବେଶ

ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଲାଗି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଇମ୍ପ୍ରୁଭମେଣ୍ଟ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍ଇ ପକ୍ଷରୁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଦଶମ ପରୀକ୍ଷାର୍ଥୀ ତିନୋଟି ବିଷୟରେ

ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ବୋଲି ଜଣାପଡିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ, ଚଳିତବର୍ଷ ପ୍ରଥମ ଥର ପାଇଁ ସିବିଏସ୍‌ଇ ପକ୍ଷରୁ ଦୁଇଟି ବୋର୍ଡ ପରୀକ୍ଷା କରାଯାଉଛି। ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ମିଳିବ। ଆସନ୍ତା ୩୧ ତାରିଖ ସୁଦ୍ଧା ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯିବ।

## ବାରୁଣୀ ମେଳା

**ଭଦ୍ରକ** ଜିଲ୍ଲା ତିହିଡି ଗ୍ରାମରେ ବାରୁଣୀ ମେଳାରେ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପାଞ୍ଚଦିନ ଧରି ଚାଲିଥିବା ମେଳାରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳୁ ବାରୁଣୀ ପୋଖରୀରେ ବୁଡ଼ ପକାଇ ମା'ଙ୍କୁ ଦର୍ଶନ କରିଛନ୍ତି। ମେଳାରେ ବିଭିନ୍ନ ମଣ୍ଡପ ସ୍ଥାନ ପାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି।

## ତାଲିମ ଶିବିର

**ନୂଆପଡା** ଜିଲ୍ଲା ସଦର ମହକୁମାଠାରେ କୃତ୍ରିମ ବୁଦ୍ଧିମତ୍ତା-ଏଆଇର ବ୍ୟବହାରିକ ଦକ୍ଷତା ବୃଦ୍ଧି ନେଇ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜର ପ୍ରତ୍ୟେକ ନାଗରିକ ଯୁଗୋପଯୋଗୀ ହେବା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନିଜେ ଶିକ୍ଷିତ ହୋଇ ଆଗାମୀ ଭବିଷ୍ୟତକୁ ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଛି।

## ପ୍ରଶିକ୍ଷଣ ଶିବିର

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଜିଲ୍ଲା କଲ୍ୟାଣ ବିଭାଗ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ସୁରକ୍ଷା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର **ଦେବଗଡ଼**ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପ୍ରକଳ୍ପ ପ୍ରଶାସକ ସନ୍ଧ୍ୟା ମାଝୀ ଓ ଜିଲ୍ଲା କଲ୍ୟାଣ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇଥିଲେ। ଆଦିବାସୀ ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ଉପରେ 'ଆସନ୍ତୁ ସୁରକ୍ଷା ବିଷୟରେ କଥାହେବା' ଶୀର୍ଷକ କର୍ମଶାଳାରେ ଆଲୋଚନା କରାଯାଇଥିଲା।

# ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମଠାରେ ଆଜିଠାରୁ ୨୪ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଆରମ୍ଭ ହେଉଛି । ୨୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୮ଟି ରାଜ୍ୟର ୧ହଜାର ୪୬୦ଜଣ ପାରା ଆଥଲେଟ୍ ଅଂଶଗ୍ରହଣ କରୁଛନ୍ତି ।

## ପାଣିପାଗ

ଦକ୍ଷିଣ ରାଜସ୍ଥାନରୁ ଉତ୍ତର ଛତିଶଗଡ଼ ମଧ୍ୟରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ  ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଝାରସୁଗୁଡ଼ା ଜିଲ୍ଲାରେ ଗତକାଲି କୁଆପଥର ବର୍ଷା ହୋଇଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ କୁଆପଥର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଦିନରେ ସର୍ବାଧିକ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ତାପମାତ୍ରା ୩ ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।